

ନିମଖଣ୍ଡିର ଚନ୍ଦ୍ରଶେଖର ମନ୍ଦିରରେ ମହାଦୀପ ଉଠୁଛି।



ନୀଳକଣ୍ଠେଶ୍ୱର ମହାଦେବ।



ଚନ୍ଦ୍ରଚୂଡ଼େଶ୍ୱର ମହାଦେବ।



ମହାଦେବଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ୱାଧାଡ଼ି।

# ଜେଇଇ ମେନରେ ଆର୍ଯ୍ୟଭଟ୍ଟ ଛାତ୍ରୀ ଓଡ଼ିଶାରେ ପ୍ରଥମ

ବ୍ରହ୍ମପୁର, ୨୬।୨ (ଅଶୋକ କୁମାର ସାହୁ)



ଶ୍ରୀଅଙ୍କା ପଟ୍ଟନାୟକ

ଜେ.ଇ.ଇ ମେଇନ ୨୦୨୫ ବି.ଆର୍କ ପ୍ରବେଶିକା ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ବଡଖେମୁଣ୍ଡି ସାହିର ସସ୍ମିତା ପଟ୍ଟନାୟକ ଓ ମନମୋହନ ପଟ୍ଟନାୟକଙ୍କ ଝିଅ ଶ୍ରୀଅଙ୍କା ପଟ୍ଟନାୟକ ସଫଳ ହୋଇ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଅନୁଷ୍ଠାନରେ ସେ ପ୍ରଶିକ୍ଷଣ ନେଉଥିଲେ। ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ ଶ୍ରୀଅଙ୍କା ବି. ଆର୍କ ପ୍ରବେଶିକା ପରୀକ୍ଷାରେ ୯୯.୬୭୬ ପର୍ସେଣ୍ଟାଇଲ ରଖି ସର୍ବଭାରତୀୟ ସ୍ତରରେ ୨୦ତମ ସ୍ଥାନ ରଖିଛନ୍ତି। ନିଜ ମାତାପିତାଙ୍କ ଆଶୀର୍ବାଦ ଓ ଆର୍ଯ୍ୟଭଟ୍ଟ ବ୍ରହ୍ମପୁରର ଶିକ୍ଷାଦାନ ପଦ୍ଧତି ତାଙ୍କୁ ଏହି ସଫଳତା ଦେଇଛି ବୋଲି ଶ୍ରୀଅଙ୍କା କହିଛନ୍ତି। ଆର୍ଯ୍ୟଭଟ୍ଟର ନିର୍ଦ୍ଦେଶକ ସୁଧୀର ରାଉତ ଓ ଶିକ୍ଷକମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ଭଲ ପାଠ ପଢିବା ସହ ଶ୍ରୀଅଙ୍କା ଆର୍ଯ୍ୟଭଟ୍ଟ ଦ୍ୱାରା ଆୟୋଜିତ ବୃକ୍ଷରୋପଣ ଓ ଅନ୍ୟାନ୍ୟ ସମାଜ ସେବା କାର୍ଯ୍ୟରେ ଅଗ୍ରଣୀ ଭୂମିକା ନେଉଥିଲେ ବୋଲି ଅନୁଷ୍ଠାନ ନିର୍ଦ୍ଦେଶକ ରାଉତ ଜଣାଇଛନ୍ତି ଓ ଭବିଷ୍ୟତରେ ମଧ୍ୟ ଉଭୟ ଅଧ୍ୟୟନ ଓ ଅଧ୍ୟବସାୟ ସହ ସମାଜ ପ୍ରତି ସମ୍ବେଦନଶୀଳତା ବଜାୟ ରଖିବେ ବୋଲି ଆଶା କରିଛନ୍ତି।

# ଓଁ ନମଃ ଶିବାୟ ଧ୍ୱନିରେ କମ୍ପିଲା ଶୈବ ପୀଠ

## ମଧ୍ୟରାତିରେ ଉଠିଲା ମହାଦୀପ, ଶ୍ରଦ୍ଧାଳୁ ବିଭୋର

ବ୍ରହ୍ମପୁର, ୨୬।୨ (ସ୍ମୃତି ରଞ୍ଜନ ମହାଲିକ)

ମହାଶିବରାତ୍ରିକୁ ନେଇ ବୁଧବାର ସହରର ବିଭିନ୍ନ ଶୈବ ପୀଠ ଉତ୍ସବ ମୁଖର ହୋଇ ଉଠିଛି। ଓଁ ନମଃ ଶିବାୟ, ହର ହର ମହାଦେବ ଓ ଜୟ ଶିବ ଶମ୍ଭୁ ଧ୍ୱନିରେ ମନ୍ଦିର ପରିସର କମ୍ପି ଉଠିଥିଲା। ପୂର୍ବ ପ୍ରସ୍ତୁତି ମୁତାବକ ସହରର ସମସ୍ତ ଶୈବ ପୀଠ ଭୋର ୩ଟାରୁ ଖୋଲାଯାଇଥିଲା। ମହାଦେବଙ୍କ ମଙ୍ଗଳ ଆରତୀ, ରୁଦ୍ରାଭିଷେକ ପରେ ସର୍ବସାଧାରଣଙ୍କ ଦର୍ଶନ ହୋଇଥିଲା। ମହାଦେବଙ୍କ ଦର୍ଶନ ପାଇଁ ଭୋରରୁ ଶ୍ରଦ୍ଧାଳୁମାନେ ଲମ୍ୱାଧାଡିରେ ଅପେକ୍ଷା କରିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ସ୍ୱେଚ୍ଛାସେବୀ ସଂଗଠନମାନେ ମଧ୍ୟ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ନିୟୋଜିତ ରହିଥିଲେ। ମହାଦେବଙ୍କ କ୍ଷୀରାଭିଷେକ ସହ କେତକୀ ଫୁଲ ଚଢାଇବାକୁ ଶ୍ରଦ୍ଧାଳୁଙ୍କ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଅତୀତରେ ମହୁରୀ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଅଷ୍ଟ ଶମ୍ଭୁ ଈଶ୍ୱର ପୀଠ ଗୁଡିକରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଉଜାଗର ରହି ଦୀପ ଜାଳି ମନ୍ଦିର ପରିସରରେ ବସି ରହିଥିଲେ। ମନ୍ଦିର କମିଟି ପକ୍ଷରୁ ଭଜନ ସନ୍ଧ୍ୟା, ସାମାଜିକ ଗଣନାଟ୍ୟ, ଗାହାଣ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବହୁ ମନ୍ଦିରରେ ନାମ ସଂକୀର୍ତ୍ତନ ହୋଇଥିଲା। ଏପରିକି ଶ୍ରଦ୍ଧାଳୁଙ୍କୁ ଫଳ ଓ ପଣା ବଣ୍ଟନ କରାଯାଇଥିଲା। ମଧ୍ୟ ରାତିରେ ମହାଦୀପ ଉଠିଥିଲା। ବହୁ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଥିଲେ।

# ତ୍ରିବେଣୀ ସଙ୍ଗମ ଜଳରେ ଅଭିଷେକ ହେଲେ ଧବଳେଶ୍ୱର

ବ୍ରହ୍ମପୁର, ୨୬।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର ନିକଟସ୍ଥ ତଥା ଗଞ୍ଜାମ ଜିଲାର ପ୍ରସିଦ୍ଧ ଧବଳେଶ୍ୱର ଶୈବ ପୀଠରେ ମହାଶିବରାତ୍ରୀ ଉତ୍ସବ ପାଳିତ ହୋଇଛି। ଭୋରୁ ମହାଦେବଙ୍କୁ ତ୍ରିବେଣୀ ସଙ୍ଗମରୁ ଆସିଥିବା ୧୦୮ କଳସ ଜଳାଭିଷେକ ଓ ମାର୍ଜନା ଅବକାଶ ନୀତି, ୧୦୮ ଆଳତି, ୧୦୮ ବେଲପତ୍ର ଅର୍ପଣ ସହ ପୂଜା କରାଯାଇଥିଲା। ଠାକୁରଙ୍କୁ ଚନ୍ଦ୍ର ଶେଖର ବେଶ କରାଯାଇଥିଲା। ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଛଡ଼ା ଯାଇଥିଲା। ଶ୍ରଦ୍ଧାଳୁ ଧାଡିରେ ଯାଇ ପୂଜାର୍ଚ୍ଚନା କରିଥିଲେ। ମଧ୍ୟାହ୍ନରେ ଅନ୍ନ ଭୋଗ, ସନ୍ଧ୍ୟାରେ ଚାରି ପହର ପୂଜା, ଆଳତି ଆଦି ନୀତିକାନ୍ତି କରାଯାଇଥିଲା। ସୁବାସ ରଣା, ଶଙ୍କର ରଣା, ପ୍ରତାପ ରଣା, ଅଶୋକ ରଣା, ନିରଞ୍ଜନ ରଣା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ଶାନ୍ତି ଯଜ୍ଞ ପିତାମ୍ବର ପାଢ଼ୀଙ୍କ ପୌରୋହିତ୍ୟରେ କର୍ତ୍ତା ଭାବେ ଏ. କୋଲେୟା ଦାୟିତ୍ୱ ତୁଲାଇଥିଲେ । ଗହଳିକୁ ନଜରରେ ରଖି ଟ୍ରାଫିକ ନିୟନ୍ତ୍ରଣ ଓ ଶୃଙ୍ଖଳା ପାଇଁ ୧୨ ଅଫିସର, ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ବିଭିନ୍ନ ଛକରେ ଯାନବାହାନ ନିୟନ୍ତ୍ରଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ କହିଛନ୍ତି। ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ଉପସ୍ଥିତ ଥିଲେ। ମନ୍ଦିର ପରିସରରେ ମେଲୋଡି, ସାଂସ୍କୃତିକ କାର୍ଯ୍ୟକ୍ରମ, ଅଷ୍ଟ ପ୍ରହର ନାମଯଜ୍ଞ, ଭାରତ ଲିଳା ଆଦି କାର୍ଯ୍ୟକ୍ରମ ରହିଛି । ରାତ୍ର ୧୨ ଟା ରେ ମହାଦୀପ ଉଠିବା ସହ ଏକ ଲକ୍ଷ୍ୟ ବେଲପତ୍ର ଅର୍ପଣ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

# ରଣ ଟଙ୍କା ଆତ୍ମସାତ ଅଭିଯୋଗ, ଥାନାରେ ଏତଲା

ଦିଗପହଣ୍ଡି, ୨୬।୨ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଟାଟା କ୍ୟାପିଟାଲ ଲିମିଟେଡ ନାମକ ଘରୋଇ ଫାଇନାନ୍ସ କମ୍ପାନୀ ଶାଖାରେ ଲୋନ ଅଫିସର ଭାବେ କାର୍ଯ୍ୟ କରୁଥିବା କୋଦଳା ଥାନା ଚନ୍ଦନପୁର ଗ୍ରାମର ଜିତେନ୍ଦ୍ର କୁମାର ଡାକୁଆ କମ୍ପାନୀର ୮ଗ୍ରାହକଙ୍କ ଠାରୁ ୧ ଲକ୍ଷ ୨୧ ହଜାର ଟଙ୍କା ଆଦାୟ କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏନେଇ କମ୍ପାନୀର ଆଞ୍ଚଳିକ ପରିଚାଳକ ସରୋଜ ସାହୁ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୮୧/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ୨୦୨୩ ଫେବୃଆରୀ ୧୩ ଠାରୁ କମ୍ପାନୀର ଲୋନ ଅଫିସର ଭାବେ କାର୍ଯ୍ୟ କରୁଥିବା ଜିତେନ୍ଦ୍ର ବିଭିନ୍ନ ସମୟରେ ରଣ ଗ୍ରହିତାଙ୍କ ଠାରୁ ଟଙ୍କା ଆଦାୟ କରି ଆତ୍ମସାତ କରିଥିବା ନେଇ ଏତଲାରେ ଉଲେଖ ରହିଛି। ଏସ୍.ସସ୍ମିତା ରେଡ୍ଡୀ ନାମ୍ନୀ ଜଣେ ରଣ ଗ୍ରହିତା ତାଙ୍କ ସମସ୍ତ ରଣ ଓ ସୁଧ ବାବଦକୁ ଟଙ୍କା ପରିଶୋଧ କରିଥିବା ଦର୍ଶାଇ ପୁଣି ଥରେ ରଣ ପାଇଁ ଉକ୍ତ ଫାଇନାନ୍ସ କମ୍ପାନୀର ଦିଗପହଣ୍ଡି ଶାଖାରେ ଆବେଦନ କରିବା ପରେ ସେ ପୂର୍ବ ରଣ ବାବଦକୁ ୧୩୧୦୦ ଟଙ୍କା ବକେୟା ଥିବା ଜଣାପଡିଥିଲା। ସେ କମ୍ପାନୀର ଲୋନ ଅଫିସର ଜିତେନ୍ଦ୍ରଙ୍କ କହିବା ଅନୁଯାୟୀ ତାଙ୍କ ବ୍ୟାଙ୍କ ଜମା ଖାତାକୁ ଫୋନ ପେ’ରେ ୧୩୧୩୦ ଟଙ୍କା ପୈଠ କରିଥିବା ନେଇ ଶାଖା ପରିଚାଳକ ମଳୟ ସାହୁଙ୍କୁ ଜଣାଇବା ପରେ ଘଟଣା ସାମ୍ନାକୁ ଆସିଥିଲା।

# ପଞ୍ଚଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ କଲେ ମନ୍ତ୍ରୀ

ବୁଗୁଡ଼ା, ୨୬।୨ (କାଳିଚରଣ ଦାଶ)

ଚଳିତ ବର୍ଷ ଏପ୍ରିଲ ୨୫ରୁ ମେ’ ୧୧ ପର୍ଯ୍ୟନ୍ତ ହେବାକୁ ଯାଉଥିବା ସପ୍ତଦଶ ଦିବସୀୟ ପଞ୍ଚଠାକୁରାଣୀ ଯାତ୍ରା ଉପଲକ୍ଷେ ବୁଧବାର ବୁଗୁଡ଼ା ବଡ଼ଦାଣ୍ଡରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାଶିବରାତ୍ରୀ ଅବସରରେ ସ୍ଥାନୀୟ ବିରଞ୍ଚି ନାରାୟଣ ଏବଂ ବଳଦେବ ସ୍ୱାମୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଶୁଭଖୁଣ୍ଟିକୁ ନଗର ପରିକ୍ରମା ପରେ ବଡ଼ଦାଣ୍ଡରେ ପଞ୍ଚଠାକୁରାଣୀଙ୍କ ପ୍ରସ୍ତାବିତ ଅସ୍ଥାୟୀ ମଣ୍ଡପ ନିକଟରେ ସ୍ଥାପନ କରାଯାଇଛି। ଏହି ଶୁଭଖୁଣ୍ଟି ସ୍ଥାପନ ପୁରୋହିତ ନାରାୟଣ ଦାଶ ଓ ବିଭୁତି ଭୂଷଣ ତ୍ରିପାଠୀଙ୍କ ଦ୍ୱାରା ଯଥା ରୀତିନୀତି ପ୍ରକାରେ ପୂଜନ କାର୍ଯ୍ୟ ସମ୍ପାଦିତ ହୋଇଥିଲା ବେଳେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ କର୍ତ୍ତା ଦାୟିତ୍ୱ ନିର୍ବାହ କରି ପବିତ୍ର ଶୁଭଖୁଣ୍ଟି ସ୍ଥାପନ କରିଥିଲେ।



ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଶୁଭଖୁଣ୍ଟି ସ୍ଥାପନ କରୁଛନ୍ତି।

# ପେଟ୍ରୋଲ ପମ୍ପରୁ ଟ୍ରକ୍ ଚୋରି

ଗୋପାଳପୁର, ୨୬।୨ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧିନସ୍ଥ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ପେଟ୍ରୋଲ ପମ୍ପ ପରିସରରେ ଟ୍ରକ୍‌କୁ ପାର୍କିଂ କରି ଡ୍ରାଇଭର ଏକ ହୋଟେଲରେ ଶୋଇଥିବା ବେଳେ ଗାଡ଼ିଟି ଚୋରି ହୋଇଯାଇଥିବା ନେଇ ବୁଧବାର ସନ୍ଧ୍ୟାରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ବିହାରର ଚାଳକ ମିଥେଲେସ କୁମାର ନିଜ ଟ୍ରକ (ନଂ ବି ଆର ୦୧ ଜି ଏମ ୩୭୨୧)କୁ ଭାଲିଆଗଡ଼ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଥିବା ହୋଟେଲରେ ଶୋଇଥିଲେ। ରାତି ପ୍ରାୟ ୧୨ ଟାରେ ମିଥେଲେସ ଉଠି ଦେଖିବା ବେଳକୁ ଟ୍ରକଟି ପାର୍କିଂ ସ୍ଥଳରେ ନ ଥିଲା। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ମିଳି ପାରି ନ ଥିଲା। ଶେଷରେ ଟ୍ରକଟି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଥାନା କେଶ ନଂ ୯୧/୨୫ରେ ପୋଲିସ ମାମଲା ରୁଜୁ କରିଛି। ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚୋରି ଟ୍ରକକୁ ଠାବ କରିବାକୁ ଚଢ଼ାଉ ଆରମ୍ଭ କରିଥିବା ବେଳେ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଟ୍ରକଟି ଥିବା ପୋଲିସ ଜାଣିବାକୁ ପାଇଛି।

# ଅବକାରୀ ପୋଲିସକୁ ଆକ୍ରମଣ କରିଥିଲେ: ଫେରାର ମଦ ଦୋକାନୀ ଗିରଫ

ବ୍ରହ୍ମପୁର, ୨୬।୨ (ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ମନୋରଞ୍ଜନ ସାବତ।

ଜଣେ ଅବକାରୀ କନଷ୍ଟେବଲଙ୍କୁ ମଦ ଦୋକାନର କର୍ମଚାରୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାର ୩ମାସ ପରେ ଟାଉନ ଥାନା ପୋଲିସ ଫେରାର ଥିବା ଉକ୍ତ ମଦ ଦୋକାନର ମାଲିକଙ୍କୁ ବାନ୍ଧିଛି। ସେ ହେଲେ ପାଣିଗ୍ରାହୀପେଣ୍ଠର ମନୋରଞ୍ଜନ ସାବତ(୪୮) ଓରଫ ମିଟୁ। ପୋଲିସ ତାଙ୍କୁ ୨ଟି ମାମଲାରେ ଗିରଫ କରିଛି। ଗତ ଅକ୍ଟୋବରରେ ପୋଲିସକୁ ଆକ୍ରମଣ ଘଟଣା ଓ ଅନ୍ୟଟି ଉକ୍ତ ଦୋକାନ ଭିତରେ ପୋଲିସ ସିଲ କରିଥିବା ମଦକୁ ସେଠାରୁ ଚୋରାଇ ନେଇଯାଇଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି ଏସପି ଡା. ସର୍ବଣା ବିବେକ ଏମ ବୁଧବାର ସୂଚନା ଦେଇଛନ୍ତି। ଗତ ଅକ୍ଟୋବର ୧୪ରେ ଲୁଚାଛପାରେ ମଦ ବିକ୍ରି ଉପରେ ଚଢ଼ାଉ ବେଳେ ଅବକାରୀ କନଷ୍ଟେବଳ ସବ୍ୟସାଚୀ ମିଶ୍ରଙ୍କୁ ମଦ ଦୋକାନ କର୍ମଚାରୀମାନେ ମାଡ଼ ମାରିଥିଲେ। ଏ ନେଇ ଅଭିଯୋଗକ୍ରମେ ଅକ୍ଟୋବର ୧୬ରେ ଟାଉନ ଥାନା ପୋଲିସ ନିମଖଣ୍ଡିସ୍ଥିତ ସରକାରୀ ୟୁପି ସ୍କୁଲ ନିକଟରେ ରହୁଥିବା ଭୁବନେଶ୍ୱର ପାତ୍ର, ଭାବିନିପୁରର ରଞ୍ଜିତ ପଟ୍ଟନାୟକ, ଲୋଚାପଡା କୋଣାର୍କ ନଗରର ସୁମନ ମହାପାତ୍ର, ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି କାଲୁଆ ସାହିର ସମୀର ପ୍ରଧାନ, ବୈଦ୍ୟନାଥପୁର ଥାନା ଗୋଲାପଲ୍ଲୀ ସାହିରେ ଭଡା ଘରେ ରହୁଥିବା ଲକ୍ଷ୍ମୀନାରାୟଣ ବେହେରା ଓ ଟାଉନ ଥାନା ଅନ୍ତର୍ଗତ ନିଳାଦ୍ରୀବିହାରରେ ରହୁଥିବା ରମେଶ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତବର୍ଷ ଅକ୍ଟୋବରରେ ମଦ ବିକ୍ରି ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ କଡା ନିର୍ଦ୍ଦେଶ ଥିଲା। ଲୁଚାଛପାରେ ମଦ ଏମାନେ ବିଦେଶୀ ମଦ ବିକ୍ରି କରୁଥିବା ନେଇ ଅବକାରୀ ପୋଲିସ ଖବର ପାଇଥିଲା। କନଷ୍ଟେବଲ ସବ୍ୟସାଚୀ ସେଠାରେ ଫଟୋ ଉତ୍ତୋଳନ କରୁଥିବାବେଳେ ମଦ ଦୋକାନ କର୍ମଚାରୀ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ଟାଉନ ଥାନା ପୋଲିସ ସେଠାରେ ଥିବା ୧୨୧୦ ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିଥିଲା। ପରେ ଉକ୍ତ ଦୋକାନକୁ ସିଲ କରିଥିଲା। ୩ମାସ ପରେ ମଙ୍ଗଳବାର ପୋଲିସ ଉକ୍ତ ଘରକୁ ଯାଇ ଯାଞ୍ଚ କରିବା ବେଳେ ମଦ ସେଠାରୁ ଗାୟବ ହୋଇଯାଇଥିବା ଜଣାପଡିଥିଲା।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଅଭାବ

ବ୍ରହ୍ମପୁର, ୨୬।୨ (ସୁବାସ ଚନ୍ଦ୍ର ପାଢ଼ୀ)





ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ।

ଦକ୍ଷିଣ ଓଡିଶାର ଶିକ୍ଷା ମାନଚିତ୍ରରେ ଏକଦା ପ୍ରମୁଖ ସ୍ଥାନ ବହନ କରୁଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ସମ୍ୱଳର ଅଭାବ ଦେଖାଦେଇଛି। ଫଳରେ ଶିକ୍ଷାଦାନରେ ନାନାଦି ସମସ୍ୟା ଉପୁଜୁଥିବା ଶିକ୍ଷାବିତମାନେ ଅଭିଯୋଗ ଉଠାଇଛନ୍ତି। ବିଭିନ୍ନ ଜିଲାରେ ବିଶ୍ୱବିଦ୍ୟାଳୟ ଖୋଲିବାରେ ଶିକ୍ଷା ବିଭାଗ ବ୍ୟସ୍ତ ରହୁଥିବାବେଳେ ପୂର୍ବରୁ ଥିବା ବିଶ୍ୱବିଦ୍ୟାଳୟ ପ୍ରତି ପାତରଅନ୍ତର ହିଁ ଏହାର କାରଣ ବୋଲି କୁହାଯାଉଛି। ବିଦ୍ୟାର୍ଥୀଙ୍କ ଭବିଷ୍ୟତ ସହିତ ଏହା ଖେଳ ବୋଲି ଅଭିଭାବକମାନେ ବି ଅଭିଯୋଗ ଉଠାଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୧୬ରୁ ଅଧିକ ବିଭାଗ ରହିଛି। ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ସମୁଦାୟ ୪୦୦୦ରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। ପୂର୍ବରୁ ଏଠାକାର ଭିତ୍ତିଭୂମି ଯାହା ଥିଲା ଏବେ ବି ସେୟା ରହିଛି ବୋଲି ଛାତ୍ରୀଛାତ୍ରମାନେ ମତ ଦେଇଛନ୍ତି। ଶ୍ରେଣୀଗୃହ ଠାରୁ ଆରମ୍ଭ କରି ପୁରାତନ ଗ୍ରନ୍ଥଗାର, ବିଭାଗୀୟ କୋଠାର ସ୍ଥିତି ଅତ୍ୟନ୍ତ ଦୁର୍ବଳ। ସ୍ମାର୍ଟ କ୍ଲାସ ରୁମ ଠାରୁ ଆରମ୍ଭ କରି ପରୀକ୍ଷାଗାର, ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରେକ୍ଷାଳୟ, ଅତ୍ୟାଧୁନିକ ଗ୍ରନ୍ଥାଗାର କିମ୍ବା ବିଦ୍ୟାର୍ଥୀ ସମେତ କ୍ରୀଡା ଉପକରଣ ନାହିଁ। ତା’ସହ ପୁରାତନ ଛାତ୍ରାବାସ ଗୁଡିକର ସ୍ଥିତି ଅତ୍ୟନ୍ତ ଦୟନୀୟ। ମହାବିଦ୍ୟାଳୟରେ କାର୍ଯ୍ୟକରୁଥିବା ମୋଟ ୨୩ ଅଧାପକ ଓ ଅତିଥି ଅଧାପକ ୬୫ ଜଣରେ ଚାଲିଛି ବିଶ୍ୱବିଦ୍ୟାଳୟ। ବିଶ୍ୱବିଦ୍ୟାଳୟରେ ମୋଟ ୧୬ ପ୍ରାଧାପକ, ୩୨ ସହଯୋଗୀ ପ୍ରାଧାପକ ଓ ୬୪ ସହ ପ୍ରାଧାପକଙ୍କୁ ମିଶାଇ ୧୧୨ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। କିନ୍ତୁ କେବଳ ଜଣେ ପ୍ରଫେସର ଓ ଦୁଇଜଣ ସହଯୋଗୀ ପ୍ରାଧାପକ ଓ ୭ରୁ୮ଜଣ ସହପ୍ରାଧାପକ ବାଦ ସବୁ ପଦବୀ ଖାଲି ପଡିଛି। ଅନ୍ୟପକ୍ଷେ ଅତିଥି ଅଧାପକ ରୂପେ ନିଯୁକ୍ତି ପାଇଥିବା କିଛି ଶିକ୍ଷକ ମଧ୍ୟ ବିଭିନ୍ନ କାରଣରୁ ବିଶ୍ୱବିଦ୍ୟାଳୟ ଛାଡିସାରିଲେଣି। ସେହିପରି ଅଣଶିକ୍ଷକଙ୍କ ଅବସ୍ଥା ମଧ୍ୟ ସମାନ। କେବଳ ବିଶ୍ୱବିଦ୍ୟାଳୟରେ ହାତଗଣତି ଅଣଶିକ୍ଷକଙ୍କୁ ନେଇ ଚାଲିଛି କାର୍ଯ୍ୟାଳୟ କାମ। ଶିକ୍ଷକଙ୍କୁ ଅତିରିକ୍ତ ଦାୟିତ୍ୱ ମିଳୁଥବାରୁ ଆହୁରି ଅସୁବିଧା ହେଉଛି। ଫଳରେ ଅଧାପକମାନେ ଚାପରେ ରହୁଛନ୍ତି। ନିକଟରେ ଉକ୍ତ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ମିଳିବା ପରେ ମଧ୍ୟ ଅବସ୍ଥା ସୁଧୁରିନି । ଯାହାକୁ ନେଇ ଶିକ୍ଷାବିତଙ୍କ ଠାରୁ ଆରମ୍ଭ କରି ଅଭିଭାବକ ଉଦବେଗ ପ୍ରକାଶ କରିଛନ୍ତି।

